

## ସିଟି କଟକ

# ଓଲିଉଡ୍ ଦେଲା ଅଭିଜିତଙ୍କୁ ଅଶ୍ରୁଳ ବିଦାୟ















### କଲେଜ ନିର୍ବାଚନରୁ ସଙ୍ଗୀତ ଜୀବନ

କୈଶୋର ସମୟରେ କିଶୋର କୁମାରଙ୍କ ଗୀତ ଗାଇବା ଆଉ କଲେଜ ସହପାଠୀଙ୍କ ଠାରୁ ପ୍ରଶଂସା ସାଉଁଟିବା ହିଁ ତାଙ୍କ ସଙ୍ଗୀତ ଜୀବନ ଯାତ୍ରାର ଏକ ଟର୍ନିଂ ପଏଣ୍ଟ ଥିଲା। କଲେଜ ନିର୍ବାଚନ ସମୟ ଥାଏ। ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର ଥାନ୍ତି ଅଭିଜିତ। କଲେଜ କ୍ୟାମ୍ପସରେ ବସି କିଶୋର କୁମାରଙ୍କ ଗୀତ 'ତୁମ ବିନ ଯାଉଁ କାହା, କେ ଦୁନିଆ ମେ ଆକେ, କୁଛ ନା ଫିର ଚାହା କଭି' ଗୁଣୁଗୁଣାଉ ଥାନ୍ତି। ତାଙ୍କ ସ୍ୱର କଲେଜର ଜଣେ ସିନିୟର ଛାତ୍ରଙ୍କ କାନରେ ପଡ଼ିଥିଲା। ଆଉ ଅଭିଜିତଙ୍କୁ ଡକାଗଲା କଲେଜ ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାକୁ। ଛାତ୍ର ସଂସଦ ନିର୍ବାଚନ ପ୍ରଚାରରେ ଅଭିଜିତ କିଶୋର କୁମାରଙ୍କ ଗୀତ ଗାଇବା ସହ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଏପରିକି ଉକ୍ତ ପ୍ରାର୍ଥୀ ଜଣକ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। କଲେଜ ନିର୍ବାଚନରୁ ହିଁ ତାଙ୍କ ସଙ୍ଗୀତ ଜୀବନର ଯାତ୍ରା ଆରମ୍ଭ ହୋଇଥିଲା।

### ପ୍ରଥମ '୯' ମାତ୍ରା ଗୀତ

ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଭଳି ଓଡ଼ିଆ ଗୀତ ଗଣନା କରାଗଲେ ଅଭିଜିତ ମଜୁମଦାରଙ୍କ ନାମ ନିହାତି ରୂପେ ଆଗରେ ରହିବ। କୃଷ୍ଣ ଚୁଡା ରଙ୍ଗର ନାଲି ଓଢ଼ଣୀ ହେଉ କି ଛାତ ଉପରେ କିଏ ଲୋ। ଅବା ମାଉସୀ ଘର ଭଡା ଦେବ କି ଗୀତ। ଯାହା ମୁହଁରେ କପଡ଼ା ଗୀତ ତିଆରି କରି କିଛି ଦିନ ଅଭିଜିତ ବିବାଦକୁ ମଧ୍ୟ ଆସିଥିଲେ। ହେଲେ ତାଙ୍କ କଳାତ୍ମକ ଯାତ୍ରାର ଏକ ଭିନ୍ନ ଦୃଷ୍ଟିକୋଣକୁ ଅଣଦେଖା କରାଯାଇ ନପାରେ। ଓଡ଼ିଆ ସଙ୍ଗୀତରେ ପ୍ରଥମ '୯' ମାତ୍ରା ଗୀତ ତିଆରି କରିଥିଲେ ଅଭିଜିତ। ଉର୍ଭଶୀ ସିନେମାରେ ଥିବା 'ଅଳସି ଜହ୍ନ ମୋ ପ୍ରିୟାରେ, ରୂପେଲି ତୋ ମିଠା ଛୁଆଁରେ' ହେଉଛି ଓଡ଼ିଶାର ପ୍ରଥମ ୯ ମାତ୍ରା ଗୀତ। ତେବେ ଏହି ଗୀତ ଅଧିକ ଲୋକପ୍ରିୟ ହୋଇ ପାରିନଥିବାରୁ ଅଭିଜିତଙ୍କ ମନରେ କ୍ଷୋଭ ରହିଥିଲା।

### ମୁଁ ମର୍ମାହତ: ବିଧାୟିକା ସୋଫିଆ

ବରିଷ୍ଠ ସଙ୍ଗୀତଜ୍ଞ ଅଭିଜିତ ମଜୁମ୍‌ଦାରଙ୍କ ପରଲୋକ ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ। ଏପରି ଘଡିସନ୍ଧି ମୁହୂର୍ତ୍ତରେ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି। ଅଭିଜିତ୍‌ଙ୍କ ବିୟୋଗ ଓଲିଉଡ ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଆମ କଟକକୁ ସେ ଆପଣା'ର କରି ନେଇଥିଲେ।

### ଅପୂରଣୀୟ କ୍ଷତି : ଶ୍ରୀତମ୍

ଅଭିଜିତଙ୍କ ପ୍ରଥମ ସଙ୍ଗୀତ ନିର୍ଦ୍ଦେଶିତ ସିନେମା 'କାସିଆ କପିଳା' ରେ ମୁଁ ହିରୋ' ଥିଲି ଓ ମୋର ପ୍ରଥମ ନିର୍ଦ୍ଦେଶିତ ସିନେମା 'ତୁ ଥା ମୁଁ ଯାଉଛି ରୁଷି' ର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ଥିଲେ। ଅନେକ କିଛି କଥା ବାକି ରହିଗଲା। ଏହା ଓଲିଉଡ୍ ପାଇଁ ଅପୂରଣୀୟ କ୍ଷତି।

### ବାପା' ଯାଇଥିଲେ ଦାଦା' ଚାଲିଗଲେ : ଅନୁଭବ

ଆଜି ବାପା'ଙ୍କ ଶ୍ରାଦ୍ଧଥିଲା। ପିଣ୍ଡଦାନ କରି ସିଧା ଦାଦା'ଙ୍କ ପାଖକୁ ଆସିଛି। ଦାଦା' ଲୁହରେ ଭସାଇ ଚିର ଦିନ ପାଇଁ ଆଖି ବୁଜି ଦେଇଛନ୍ତି। ସେ କିମ୍ବଦନ୍ତୀ। ଦାଦା'ଙ୍କୁ ବହୁତ ଝୁରିବୁ। ତାଙ୍କୁ ହରାଇ ଆଜି ମୋ ପରିବାରର'ଜଣେ ସଦସ୍ୟ ତଥା ବଡ଼ ଭାଇଙ୍କୁ ହରାଇଦେଲି।

## କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ



**କଟକ, ୨୫ ।୧(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ କିଟ୍ ଓ କିସ ପକ୍ଷରୁ କଟକରେ ଅଷ୍ଟମ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। "ସମସ୍ତଙ୍କ ପାଇଁ ଶିକ୍ଷା" ପରି ଏକ ମହାନ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ ରାଜ୍ୟର ୩୦ଟି ଜିଲ୍ଲା ଓ ୩୨ ଟି ସ୍ଥାନରେ ଏହି ମିନି ମାରାଥନର ଆୟୋଜନ କରାଯାଇଥିଲା। ସକାଳୁ ସକାଳୁ କଟକରେ ଖାନନଗର ନେତାଜୀ ବସ ଟର୍ମିନାଲ ନିକଟସ୍ଥ ମଲା ଚଣ୍ଡୀଆ ଛକଠାରୁ ଏହି ମାରାଥନ ବାହାରି ଜୁଡିସିଆଲ ଏକାଡେମୀ ପର୍ଯ୍ୟନ୍ତ ଯାଇଥିଲା। ଶତାଧିକ ପ୍ରତିଯୋଗୀ ଏହି ମାରାଥନରେ ସାମିଲ ହୋଇଥିଲେ। କଟକ ମେୟର ସୁବାସ ସିଂ, କଟକ ଡିସିପି ଋଷିକେଶ ଖିଲାରୀ, ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଫ୍ଲାଗ ଅପ୍ କରି ଏହାକୁ ଶୁଭାରମ୍ଭ କରିଥିଲେ। ମାରାଥନ ଜୁଡିସିଆଲ ଏକାଡେମୀ ନିକଟରେ ପହଁଚିବା ପରେ ବେଲଭିୟୁ ପାର୍କଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ସିଏମସିର କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, କିମସ ଡାକ୍ତର ଭି କେ ସେନଗୁପ୍ତ, ବାରବାଟୀ କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ, କଟକ ମେୟର ସୁବାସ ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଶିକ୍ଷା କ୍ଷେତ୍ରରେ ଥିବା ଅବଦାନ ପାଇଁ ଭୂୟସୀ ପ୍ରଶଂସା କରିଥିଲେ। କିଟ କିସ ପକ୍ଷରୁ କିଟ ଗ୍ରୁପ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପଟ୍ଟନାୟକ ଏହି ମାରାଥନର ଆୟୋଜନ କରିଥିଲେ।

## ଓଡ଼ିଶା ପ୍ରେସ ଆଣ୍ଡ ମିଡିଆ ପକ୍ଷରୁ ଜାତୀୟ ମତଦାତା ଦିବସ

**କଟକ, ୨୫।୧(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ପ୍ରେସ୍ ଆଣ୍ଡ ମିଡିଆ ଟ୍ରଷ୍ଟ ପକ୍ଷରୁ ଜାତୀୟ ମତଦାତା ଦିବସ କଲେଜ ଛକଠାରେ ପାଳନ ସହିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କଟକ ମ୍ୟୁନିସିପାଲ କର୍ପୋରେସନର ୫୦ନଂ ୱାର୍ଡ କର୍ପୋରେଟର ସନ୍ତୋଷ କୁମାର ଭୋଳ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସହ ପ୍ରତିଷ୍ଠାତା ଅଧ୍ୟାପକ ଡକ୍ଟର ଓଁକାର ରାଉତ ପ୍ରାରମ୍ଭିକ ସୂଚନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ସୁପ୍ରଭା ରାଉତ ମୁଖ୍ୟବକ୍ତା ରୂପେ ଯୋଗଦେଇ ମତଦାତାଙ୍କ ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ନିଜର ଅଭିଭାଷଣ ରଖିବା ସହିତ ମତଦାତାଙ୍କୁ ସଚେତନ କରାଇଥିଲେ। ନିମନ୍ତ୍ରିତ ଅତିଥିଭାବରେ ସ୍ଥାନୀୟ କର୍ପୋରେଟର ଶୁଭାଶିଷ ପଟ୍ଟନାୟକ ଓ ସମାଜସେବୀ ଅଞ୍ଜନ ଜେନା ଯୋଗଦେଇ ମତଦାତା ଦିବସ ପାଳନର ମହତ୍ୱ ଓ ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାତାଙ୍କ ଭୂମିକା ସମ୍ପର୍କରେ ଆଲୋଚନାକରି ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରିୟ ରଞ୍ଜନ ମହାପାତ୍ର ନିଜର ଅଭିଭାଷଣ ରଖିବା ସହିତ ଉପସ୍ଥିତ ମତଦାତାଙ୍କୁ ମତଦାନର ସଂକଳ୍ପ ପାଠ କରାଇଥିଲେ। ମୁଖ୍ୟବକ୍ତା ସୁପ୍ରଭା ରାଉତଙ୍କୁ ଅନୁଷ୍ଠାନ ତରଫରୁ ଉପଢୌକନ ଓ ଭାରତର ସମ୍ବିଧାନ ପୁସ୍ତକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି କିଶୋର କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ସାମ୍ପ୍ରତିକ ଭାରତରେ ମତଦାନ ସମ୍ପର୍କିତ ବିଷୟ ଓ ରାଜନୀତି ଉପରେ ଏହାର ପ୍ରଭାବ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ବିମଳ ପ୍ରସାଦ ଜେନା, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ସୁପ୍ରିୟା ରାଉତ, ଯୋଗେଶ ଶର୍ମା, ପ୍ରୀତ ବୁବୁନା, ଶରତ ପାତ୍ର, ସମେତ ସିଏମସି ୩୮ ଓ ୩୯ ୱାର୍ଡର ଅନେକ ମତଦାତା ଯୋଗଦେଇଥିଲେ ଓ ଶେଷରେ ଅନୁଷ୍ଠାନର ସହସମ୍ପାଦକ ରାକେଶ ଶତପଥୀ ଧନ୍ୟବାଦ ଦେଇଥିଲେ।

## ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ

### ପୁଲିସ ସାଜିଛି ନିରବଦ୍ରଷ୍ଟା

**କଟକ, ୨୫ ।୧(ସମିସ):** ମଙ୍ଗଳାବାଗ ଥାନାରେ ଜଣେ ଶ୍ରମିକ ଓ ତାଙ୍କ ପତ୍ନୀଙ୍କୁ ଠିକାଦାର ମାଡ଼ ମାରିଥିବା ଅଭିଯୋଗ ପରେ ଛଏ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଶ୍ରମିକ ଅଜୟ ବାହାଦୁର ଏବଂ ତାଙ୍କ ପତ୍ନୀ ରୀତା ମଲ୍ଲିକ ଉଭୟ ଦିନ ମଜୁରୀଆ ଭାବେ କାର୍ଯ୍ୟ କରନ୍ତି। ଗତ ୧୮ ତାରିଖରେ ଅଲ୍ଲି ରିଜ୍‌ଭୀ ନାମକ ଠିକାଦାର ନିଜ ମୋବାଇଲରୁ ଅଜୟକୁ ଫୋନ୍ କରି କାମ କରିବାରୁ ତାଙ୍କ ମାତାମଠ ସ୍ଥିତ ଆପାର୍ଟମେଣ୍ଟ ଘରକୁ ଡାକିଥିଲେ। ଅଜୟ ଓ ରୀତା ପହଞ୍ଚିଲା ପରେ ଅଲ୍ଲୀ ଏବଂ ତାଙ୍କର ଜଣେ ସହଯୋଗୀ ଅଜୟଙ୍କୁ ସାଇକଲ୍ ଚୋରି କରିଥିବା ଅଭିଯୋଗ ଆଣି ଠେଙ୍ଗା ଓ ଲୁହା ଛଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ରୀତା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ୧ଘଣ୍ଟା ଧରି ମାଡ଼ ମାରିବା ପରେ ପିସିଆର୍‌କୁ କଲ୍ କରି ମଙ୍ଗଳାବାଗ ଥାନା ଜିମା ଦେଇଥିଲେ। ମାଡ଼ରେ ଅଜୟଙ୍କ ଦେହରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଥାନାରେ ଉଭୟ ସ୍ୱାମୀ ସ୍ତ୍ରୀ ଦିନ ୧୧ଘଟିକାରୁ ରାତି ୧୧ଟା ପର୍ଯ୍ୟନ୍ତ ବସିବା ପରେ ପୁଲିସ୍ ସିସିଟିଭି ଯାଞ୍ଚ କରି ଜାଣିବାକୁ ପାଇଥିଲା ଅଜୟ ଅଭିଯୁକ୍ତ ନୁହଁନ୍ତି। ଥାନାରେ ମାଡ଼ରେ କ୍ଷତାକ୍ତ ହୋଇଥିବା ଅଜୟକୁ ପୁଲିସ୍ ମେଡ଼ିକାଲ ନେଇନଥିଲା କିମ୍ବା ଅଲ୍ଲୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଏ ସମ୍ପର୍କରେ ସମସ୍ତ ବିଷୟ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ମିଶ୍ରଙ୍କୁ ଜଣାଇବା ପରେ ସ୍ମୃତି ଉଭୟ ଦମ୍ପତିଙ୍କୁ ମଙ୍ଗଳାବାଗ ଥାନାକୁ ନେବା ସହ ଥାନା ଅଧିକାରୀଙ୍କୁ ସମସ୍ତ ବିଷୟ ଜଣାଇବା ସହ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନକୁ ନେବାକୁ ଦାବି କରିଛନ୍ତି। ସ୍ମୃତିଙ୍କୁ ସହ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଅସୀମ ଅମିତାଭ ମହାନ୍ତି, ସନତ୍ ମାହାର ଥାନାରେ ଉପସ୍ଥିତ ଥିଲେ।











## ପରଲୋକରେ ପ୍ରଫେସର ଡାକ୍ତର ଆଦିକନ୍ଦ ସ୍ୱାଇଁ



**କଟକ, ୨୫।୧(ସମିସ):** ଓଡ଼ିଶାର ପ୍ରଖ୍ୟାତ ଚିକିତ୍ସକ ତଥା ମାନବତାବାଦୀ ଶିକ୍ଷାବିତ ପ୍ରଫେସର ଡାକ୍ତର ଆଦିକନ୍ଦ ସ୍ୱାଇଁଙ୍କର ୯୪ ବର୍ଷ ବୟସରେ ତେଲେଙ୍ଗାବଜାର ସ୍ଥିତ ସ୍ୱାଇଁ ଭବନରେ ପରଲୋକ ଘଟିଛି। ଦୀର୍ଘ ୬ ଦଶକରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବେ ଚିକିତ୍ସା ସେବାରେ ନିଜକୁ ନିୟୋଜିତ ରଖିଥିବା ଡା. ସ୍ୱାଇଁଙ୍କର ଅସାଧାରଣ ଅବଦାନ ପାଇଁ ସେ ସର୍ବତ୍ର ସମ୍ମାନ ଓ ସ୍ୱୀକୃତି ଲାଭ କରିଥିଲେ। ତାଙ୍କର ବିୟୋଗରେ କଟକ ମ୍ୟୁନିସିପାଲ କର୍ପୋରେସନର ପୂର୍ବତନ ଉପାଧ୍ୟକ୍ଷା ପୁଷ୍ପା ସାମଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ୧୯୫୬ ମସିହାରେ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିବା ସହ ୧୯୬୩ ମସିହାରେ ଲଣ୍ଡନର ବିଶ୍ୱପ୍ରସିଦ୍ଧ ରୟାଲ କଲେଜ ଅଫ୍ ଫିଜିସିଆନ୍ସରୁ ଏମ୍‌ଆରସିପି ଡିଗ୍ରୀ ହାସଲ କରିଥିଲେ। ଏହା ସହିତ ସ୍କଟଲାଣ୍ଡର ଏଡିନବର୍ଗରୁ ଶିଶୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଡିପ୍ଲୋମା ପ୍ରାପ୍ତ କରି ସେ ଓଡ଼ିଶା ଫେରି ରୋଗୀ ସେବାରେ ବ୍ରତୀ ହୋଇଥିଲେ। ସେ କଟକ ଏବଂ ବୁର୍ଲା ମେଡିକାଲ କଲେଜରେ ପ୍ରଫେସର ଭାବେ ଦୀର୍ଘ ସମୟ କାର୍ଯ୍ୟ କରିବା ସହ ଲଣ୍ଡନ, ଆମେରିକା ଏବଂ କୁଏତ ଭଳି ଦେଶରେ ଚିକିତ୍ସା ବିଶେଷଜ୍ଞ ଭାବେ କାର୍ଯ୍ୟ କରି ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ଗୌରବାନ୍ୱିତ କରିଥିଲେ। ତାଙ୍କର ଅସାଧାରଣ ପ୍ରତିଭା ପାଇଁ ତାଙ୍କ ନାମ ଆମେରିକାର ପ୍ରସିଦ୍ଧ ଡବ୍ଲୁଏଚ୍‌ଓଏସ୍ ଓ ଡବ୍ଲୁଏଚ୍‌ଓ ତାଲିକାରେ ମଧ୍ୟ ସ୍ଥାନ ପାଇଥିଲା। ସ୍ୱର୍ଗତ ଡାକ୍ତର ସ୍ୱାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରଖ୍ୟାତ ଆଇନଜୀବୀ କ୍ଷେତ୍ରମୋହନ ସ୍ୱାଇଁ ଏବଂ କ୍ଷୀରୋଦଗିଣୀ ସ୍ୱାଇଁଙ୍କ ସୁପୁତ୍ର ଥିଲେ।

### କେନାଲବନ୍ଧ ରାସ୍ତା ନିର୍ମାଣରେ ଅନିୟମିତତା

# ଦକ୍ଷିଣ ପାର୍ଶ୍ୱ ଛାଡ଼ି ବାମ ପାର୍ଶ୍ୱରେ ଚାଲିଛି କାମ

- ନିୟମକୁ ଫୁଁ' କରୁଛନ୍ତି ଠିକାଦାର
- ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲେ ଅସନ୍ତୁଷ୍ଟ ଗ୍ରାମବାସୀ

ସାଲେପୁର,୨୫।୧(ସମିସ)

ସାଲେପୁର ଅଞ୍ଚଳରେ ଜଳସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା କେନାଲବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ଏବେ ବିବାଦ ଘେରକୁ ଆସିଛି। ନିୟମ ଅନୁଯାୟୀ କାର୍ଯ୍ୟ କରା ନ ଯାଇ ଠିକାଦାର ଓ ସ୍ଥାନୀୟ କର୍ମଚାରୀଙ୍କ ସଲାସୁତରାରେ ମନମୁଖୀ ଭାବେ ରାସ୍ତା ନିର୍ମାଣ ହେଉଥିବା ନେଇ ଗମ୍ଭୀର ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଜନସାଧାରଣ ମହାନଦୀ ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ସୂଚନା ଅନୁଯାୟୀ, ସାଲେପୁର-କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ୨ ନମ୍ବର କେନାଲବନ୍ଧ ଯାତାୟତ ଅନୁପଯୁକ୍ତ ହୋଇ ପଡ଼ିଥିଲା। ଲୋକଙ୍କ ଦାବି ମୁତାବକ ଉକ୍ତ ରାସ୍ତାରେ ମୋହରମ ପକାଇ ନିର୍ମାଣ କାର୍ଯ୍ୟ ପାଇଁ ଅଟକଳ କରାଯାଇଥିଲା। ନିୟମ ଅନୁଯାୟୀ, କେନାଲବନ୍ଧର ଦକ୍ଷିଣ ପାଶ୍ୱର୍ ରାସ୍ତା ନିର୍ମାଣ ହେବା କଥା, ଯେଉଁଠାରେ ଜନବସତି ରହିଛି। ମାତ୍ର ମାଣିତ୍ରୀ ଗ୍ରାମର ସୁନ୍ଦରପୁର ପୋଲ ଠାରୁ କାମର ଦିଗ ବଦଳାଇ ଦିଆଯାଇଛି। ଅଭିଯୋଗ ହୋଇଛି ଯେ, ଠିକାଦାର ନିଜ ସୁବିଧା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ହାତ କରି ଦକ୍ଷିଣ ପାର୍ଶ୍ୱ ପରିବର୍ତ୍ତେ ବାମ ପାଶ୍ୱର୍ ବନ୍ଧରେ କାମ କରୁଛନ୍ତି। ଆଶ୍ଚର୍ଯ୍ୟର କଥା, ଉକ୍ତ ବାମ ପାଶ୍ୱର୍ରେ କୌଣସି ଜନବସତି ନାହିଁ। କେଉଁ ସ୍ୱାର୍ଥରେ ମାତ୍ର ୩୦ ମିଟର ରାସ୍ତା ବାମ ପାଶ୍ୱର୍କୁ ନିଆଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମନମୁଖୀ ନୀତି ଯୋଗୁଁ ସାଧାରଣ ଲୋକେ ଯାତାୟତ ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ସରକାରୀ ଅର୍ଥର ଅପବ୍ୟୟ ହେଉଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ନିର୍ବାହୀ ଅଧିକାରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇ ଏହାର ନିରପେକ୍ଷ ତଦନ୍ତ ସହ ନିୟମ ଅନୁଯାୟୀ ରାସ୍ତା ନିର୍ମାଣ ପାଇଁ ଦାବି କରାଯାଇଛି। ଯଦି ତୁରନ୍ତ ଏଥିରେ ସୁଧାର ନ ଆସେ, ତେବେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଆରାଧ୍ୟା ଶ୍ରୀପଞ୍ଚମୀ ମହୋତ୍ସବ ଉଦ୍‌ଘାଟିତ



ଫୁଲନଖରା,୨୫।୧(ସମିସ): କଟକ ସଦର ଥାନା ବ୍ରାହ୍ମଣଝରିଲୋସ୍ଥିତ ଆରାଧ୍ୟା କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଆରାଧ୍ୟା ଶ୍ରୀପଞ୍ଚମୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉକ୍ତ ମହୋତ୍ସବରେ ଅବସରପ୍ରାପ୍ତ ମେଜର ଜେନେରାଲ ଅତନୁ ପଟ୍ଟନାୟକ ଉଦ୍‌ଘାଟକ ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଦୀପ ଦାଶ, ଅଭିନେତ୍ରୀ ଛନ୍ଦତା ପାଢ଼ୀ, ଟ୍ରଷ୍ଟର ଅଧ୍ୟକ୍ଷ ଅଜୟ ପାତ୍ର ଓ ଆଞ୍ଚଳିକ ଶାନ୍ତି କମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ ପ୍ରତିଭାମାନେ ନୃତ୍ୟ, ସଂଗୀତ ଓ ଚିତ୍ରକଳା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗ ନୃତ୍ୟରେ ବିଦୁସ୍ମିତା ରାଉତ ଓ ସାଧ୍ୱୀ ନାୟକ ଯୁଗ୍ମ ପ୍ରଥମ, ଶାଶ୍ୱତୀ ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ଅନୁସ ମହମ୍ମଦ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ପୂର୍ବଶା ରଥ ପ୍ରଥମ, ପ୍ରତୀକ୍ଷା ପାତ୍ର ଦ୍ୱିତୀୟ, ଆରାଧ୍ୟା ପ୍ରିୟଦର୍ଶିନୀ ଓ ପୂର୍ଣ୍ଣିମା ଭୋଇ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଉପକନିଷ୍ଠ ବିଭାଗରେ ଶ୍ରେୟାଂଶି ସ୍ୱାଙ୍ଗ ସମ୍ପୂର୍ଣ୍ଣା, ଶ୍ରେୟା ଶରନ୍ୟ ସାହୁ ଓ ଆଦ୍ୟାଶା ପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଦଧିଚି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ ଡଃ. ମନୋଜ ଦାଶ ଓ ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀଜୀଙ୍କ ଠାରୁ ପ୍ରମାଣପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ନିର୍ମଳାବାଳା ପାତ୍ର, ସନ୍ତୋଷ ଜେନା, ସସ୍ମିତା ସାହୁ, ପ୍ରତାପ କେଶରୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ବାପି ମଲ୍ଲିକ, ଲୋନୀ ମହାନ୍ତି, ବବିତା ବେହେରା, ଶ୍ରଦ୍ଧାଞ୍ଜଳି ପାତ୍ର ଓ ପ୍ରିୟଙ୍କା ଶାହା ସହଯୋଗ କରିଥିଲେ। ଶେଷରେ ଙ୍ଗ ସେବକ ଶ୍ରୀକାନ୍ତ ଧନ୍ୟବାଦ ଦେଇଥିଲେ।

## ଫଗୋଲ ପଞ୍ଚାୟତରେ ବିଜେଡି କର୍ମୀ ସମାବେଶ

ନିଶ୍ଚିନ୍ତକୋଇଲି,୨୫।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଫଗୋଲ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପଞ୍ଚାୟତର ସଭାପତି ଉମାକାନ୍ତ ନିହାଣଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡିର ବରିଷ୍ଠ ଉପସଭାପତି ପ୍ରତାପ ଜେନା, ସମ୍ମାନୀତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ପୂର୍ବତନ ଜିଲ୍ଲାପରିଷଦ ବିନୋଦ ସାମଲ, ୨୪ନଂ ଜୋନ୍ ବିଜେଡି ସଭାପତି ପ୍ରଦୋଷ ସାହୁ, ସମିତିସଭ୍ୟ ରାଜେଶ ବେହେରା ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ତୃଣମୂଳସ୍ତରରେ ବିଜୁ ଜନତା ଦଳର ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିବା ବେଳେ ବର୍ତ୍ତମାନର ବିଜେପି ସରକାର ଶାସନ କ୍ଷେତ୍ରରେ ଚରମ ଅବହେଳା କରିଥିବା ବେଳେ ଦୁର୍ନୀତିର ସୀମା ଟପିଲାଣି ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ଦୃଢ ଜବାବ




ଦେବା ପାଇଁ ଉପସ୍ଥିତ ଶତାଧିକ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନାଏବ ସରପଞ୍ଚଙ୍କ ପ୍ରତିନିଧି ତସ୍‌ମିନ୍ ଅହମ୍ମଦ, ସୟଦ ଅବଦୁଲ ରହିମ, ସେକ୍ ଅବଦୁଲ ନିସାର, ନାରାୟଣ ସାମଲ, ଆବୁଲ କଲାମ, ସେକ୍ ଅସଦ୍ ସେକ ସାରିୟତ, ନାରୀ ନେତ୍ରୀ ଅସମା ବିବି ପ୍ରମୁଖ ଯୋଗଦେଇଥିଲେ।

# ଚୌଦ୍ୱାର ରାଧାମୋହନ ନାଟ୍ୟ ପରିଷଦ ପକ୍ଷରୁ ଆଖଡ଼ା ପୂଜା

ଚୌଦ୍ୱାର,୨୫।୧(ସମିସ): ଚୌଦ୍ୱାର ଅଞ୍ଚଳର ବହୁ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ରାଧାମୋହନ ନାଟ୍ୟ ପରିଷଦ ପକ୍ଷରୁ ଆଖଡ଼ାପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚୌଦ୍ୱାର ପୌରପାଳିକା ୧୧ ନମ୍ବର ୱାର୍ଡ ସ୍ଥିତ ପରିଷଦ ନିଜସ୍ୱ କାର୍ଯ୍ୟାଳୟରେ ଏହି

**ମାର୍ଚ୍ଚ ୧୧ ଓ ୧୨ରେ ମଞ୍ଚସ୍ଥ ହେବ ନାଟକ**

ପୂଜା ହୋଇଯାଇଛି। ଚଳିତ ବର୍ଷ ଅନୁଷ୍ଠାନର କଳାକାର, ଶୁଭେଚ୍ଛୁ ଏବଂ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମଞ୍ଚସ୍ଥ ହେବାକୁ ଥିବା ଦୁଇଟି ନାଟକର ବହି ପୂଜା ହୋଇଥିଲା। ଆସନ୍ତା ଦୋଳପୂର୍ଣ୍ଣିମା ଅବସରରେ (ମାର୍ଚ୍ଚ ମାସ ୧୧ ତାରିଖ ଓ ୧୨ ତାରିଖ) ୨ ଦିନ ଧରି ଏହି ନାଟକ ମଞ୍ଚସ୍ଥ ହେବ। "ମୋ ହସରେ ତୁ ଲୁହରେ ତୁ' ନାଟକର ପାଣ୍ଡୁଲିପି ପୂଜା



ହୋଇଥିବାବେଳେ ଅନ୍ୟ ଏକ ନାଟକ କିଏ କାନ୍ଦି ନ ହାତ ଟେକ ବହି ପୂଜା ହୋଇଛି। ନାଟ୍ୟ ନିର୍ଦ୍ଦେଶକ ହିଂମାଶୁ ଦାସ ଏହି ନାଟକ ଦ୍ୱୟର ନିର୍ଦ୍ଦେଶନା ଦାୟିତ୍ୱ ନିର୍ବାହ କରୁଥିବାବେଳେ ଅନୁଷ୍ଠାନର କଳାକାରମାନେ ଏହି ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରିବେ। ତେବେ ଏହି ଆଖଡା ପୂଜା କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ମନୋଜ ମହାନ୍ତି, ସନ୍ତୋଷ ସେନାପତି, ଅଭୟ ସ୍ୱାଇଁ, ଦିବ୍ୟରଞ୍ଜନ ବଳ, ଦିବ୍ୟରଞ୍ଜନ ମଲ୍ଲ, ଦୀପକ ସେନାପତି, ଶଶାଙ୍କ ଶେଖର ରାଉତ, ଅକ୍ଷୟ ପୃଷ୍ଟି, ଦିବ୍ୟରଞ୍ଜନ ମଲ୍ଲ, ଅମିତ ବେଉରା, କାହ୍ନୁ ଚରଣ ଜେନା, ବିଶ୍ୱଜିତ୍ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅନୁଷ୍ଠାନଟି ଚୌଦ୍ୱାର ଅଞ୍ଚଳର ବହୁ ପୁରାତନ ଅନୁଷ୍ଠାନ ହୋଇଥିବାବେଳେ କାଳକ୍ରମେ ଶତାଧିକ କଳାକାର ତିଆରି କରିଛି ଏହି ନାଟ୍ୟ ପରିଷଦ। ବହୁ କଳାକାର ପରଲୋକ ଗମନ କରିଥିଲେ ମଧ୍ୟ ଆଗାମୀ ଦିନ ପାଇଁ ମଧ୍ୟ ନୂଆ ନୂଆ କଳାକାର ସୃଷ୍ଟି କରି ଏହି ଅନୁଷ୍ଠାନ ଅଞ୍ଚଳବାସୀଙ୍କ ପ୍ରଶଂସାର ପାତ୍ର ହୋଇପାରିଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ମାହାଙ୍ଗା,୨୫।୧(ସମିସ): ଉଷୁମା ପଞ୍ଚାୟତ ରଘୁନାଥନଗର ଠାରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ୪୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୀରା ଅଦିତି ଚାରିଟେବୁଲ ଟ୍ରଷ୍ଟର ମାନେଜିଂ ଟ୍ରଷ୍ଟି ବିପିନ ବିହାରୀ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ସୁକାନ୍ତ କିଶୋର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ପତି ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଉଦଘାଟନୀ ଉତ୍ସବରେ କାନାରା ବ୍ୟାଙ୍କ ମ୍ୟାନେଜର ପ୍ରେମାନନ୍ଦ ମହାପାତ୍ର ବାର୍ଷିକ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲା ବେଳେ ମାହାଙ୍ଗା ସାରସ୍ୱତ ସେବାମଞ୍ଚର ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାସ୍କର ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସୋନାଲି ସାହୁ, ଉପାଧ୍ୟକ୍ଷ ପ୍ରୀତିପ୍ରିୟା ମହାନ୍ତି, ରଞ୍ଜନ ସାମଲ, ଗିରିଶ ଚନ୍ଦ୍ର ସିଂହ, ବିଷ୍ଣୁଚରଣ ପଲ୍ଲେଇ ଓ ସମସ୍ତ ଅପାଭାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଦ୍ୟୁମ୍ନ ରାଉତ ଧନ୍ୟବାଦ ଦେଇଥିଲେ। ଶେଷରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପବ୍ଲିକ ସ୍କୁଲର ଏକାଦଶତମ ବାର୍ଷିକ ଉତ୍ସବ

ଭଦ୍ରେଶ୍ୱର,୨୫।୧(ସମିସ): ମାହାଙ୍ଗା ବ୍ଲକପଲ୍ଲିସାହିଗ୍ରାମପଞ୍ଚାୟତଖନ୍ଦୋଳସ୍ଥିତ ଏମ ପବ୍ଲିକ ସ୍କୁଲର ଏକାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରଶ୍ମିରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପାଣି, ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପ୍ରବୀଣ କାନୁନଗୋ, ବିଦ୍ୟାଳୟର ପ୍ରତିଷ୍ଠାତା ରବିନ୍ଦ୍ରନାଥ ପଣ୍ଡା, ସାମ୍ବାଦିକ ମନୋଜ ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସରନ୍ୟା ମହାପାତ୍ର ସ୍ୱାଗତ ଭାଷଣ ଓ ଶିକ୍ଷକ ହୃଷିକେଶ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ରବିନ୍ଦ୍ରନାଥ ପଣ୍ଡାଙ୍କୁ ସତ୍ୟାଶିକ୍ଷା ଆଶ୍ରମ ପକ୍ଷରୁ ମାହାଙ୍ଗା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତାରେ ବାଳକ ବିଭାଗରେ ମନୋରଞ୍ଜନ ନାୟକ, ବାଳିକା ବିଭାଗରେ ପ୍ରିୟଙ୍କା ପଣ୍ଡା ଚାମ୍ପିଅନ ଆଖ୍ୟା ଅର୍ଜନ କରି ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁରସ୍କାର ବିତରଣ କରିଥିଲେ।



# ବିଭିନ୍ନ ବିଦ୍ୟାଳୟରେ ଜାତୀୟ କନ୍ୟା ଦିବସ




ତିଗିରିଆ,୨୫।୧(ସମିସ): ତିଗିରିଆ ବ୍ଲକ ନୂଆପାଟଣା ସ୍ଥିତ ପିଏମଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ, ସମ୍ମାନିତ ଅତିଥି ଭାବେ ପାଞ୍ଚଗାଁ ମଧ୍ୟ ଇଂରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବିବାସିନୀ ମିଶ୍ର, ଲକ୍ଷ୍ମଣ ସାହୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ଦେବୀ, ନୂଆପାଟଣା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ବେହେରା ଓ ଆରତୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର ତିଆରି, ସମାଚାର ପଠନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ଛାତ୍ରୀଙ୍କ ଦ୍ୱାରା ସଚେତନଧର୍ମୀ ନାଟକ "ନା" ପରିବେଷଣ କରାଯାଇଥିଲା। ଶେଷରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ।

**ନରସିଂହପୁର**- ନରସିଂହପୁର ବ୍ଲକ ଅଧୀନ ପିଏମଶ୍ରୀ ମୁକ୍ତାନାଥ ନୋଡାଲ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ କନ୍ୟା ଦିବସ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ "କନ୍ୟା ଶିଶୁ ସଶକ୍ତିକରଣ ଓ ସମାନ ସୁଯୋଗ" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଆଲୋକ ସାହୁ, ମଦନ ମୋହନ ବେହେରା, ସମର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି



ଅବସରରେ ଛାତ୍ରୀ କୁମାରୀ ସୁଦିପ୍ତା ପ୍ରିୟଦର୍ଶିନୀ -"କନ୍ୟା ସଶକ୍ତିକରଣ' ବିଷୟରେ ଭାଷଣ ପ୍ରଦାନ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ପରେ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ଅସହାୟଙ୍କୁ କମ୍ବଳ ବଣ୍ଟନ



ଟାଙ୍ଗୀ,୨୫।୧(ସମିସ): ଟାଙ୍ଗୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ତଥା ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ତୁଳସୀପୁର ସମେତ ନିକଟବର୍ତ୍ତୀ ଶାଳଗାଁ ପଞ୍ଚାୟତର ଛତାବର ଓ ଗୁରୁଜଙ୍ଗ ଗ୍ରାମର ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସରପଞ୍ଚ ଦିପ୍ତିମୟୀ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟ ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରିଥିଲେ। ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ବିଜେପି ନେତା ପ୍ରମୋଦ ଜଟ, ରାଷ୍ଟ୍ରପତି ପୁରସ୍କୃତ ସମାଜସେବୀ ଗଙ୍ଗାଧର ବେହେରା, ସାମାଜିକ କର୍ମୀ ବିଷ୍ଣୁ ଦାସ ଓ ପ୍ରକାଶ ଜଟ ପ୍ରମୁଖ ବଣ୍ଟନ କାର୍ଯ୍ୟରେ ସହାୟତା କରିଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର



ନିଶ୍ଚିନ୍ତକୋଇଲି,୨୫।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱରଠାରେ ଥିବା ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ୭ଦିନିଆ ଶୀତକାଳିନ ସ୍ୱତନ୍ତ୍ର ସେବା ଶିବିର ଅନୁଷ୍ଠିତ ହୋଇଛି। ଜାନୁୟାରୀ ୨୪ ଶନିବାର ରାଷ୍ଟ୍ରୀୟ କନ୍ୟାସନ୍ତାନ ଦିବସ ଅବସରରେ ସମାଜରେ କିଭଳି କନ୍ୟା ସନ୍ତାନଙ୍କୁ ସୁରକ୍ଷା ଦିଆଯାଇ ପାରିବ ସେ ନେଇ ଏକ ଆଲୋଚନା ଚକ୍ର କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପିକା ଡ. ସୁପ୍ରଭା ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ଥାନାର ଆଇଆଇସି ଅନୀତା ସାହୁ ଯୋଗଦେଇ ସମାଜରେ ମହିଳାମାନେ ସଚେତନ ହେଲେ କନ୍ୟା ସନ୍ତାନର ସୁରକ୍ଷା କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ସେବା ଯୋଜନା ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଡ.ସଂଧ୍ୟାଶାୟାତିନୀ ମହାନ୍ତି, ସମ୍ମାନୀତ ଅତିଥିଭାବେ ପ୍ରାଧ୍ୟାପକ ପ୍ରତାପ ଚନ୍ଦ୍ର ସାହୁ, ଅଧ୍ୟାପକ ରଜନୀକାନ୍ତ ପଣ୍ଡା, ସୂର୍ଯ୍ୟକାନ୍ତ ମଳିକ ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁଧୀର ଦାସଙ୍କ ସଂଯୋଜନାରେ ଅଧ୍ୟାପକ ବିଜୟ ପରିଡା, ରମାକାନ୍ତ ସାମଲ, ଅଧ୍ୟାପିକା ଅନୁସୂୟା ରାଉତରାୟ, ଦିବ୍ୟାରାଣୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ସମାବର୍ତ୍ତନ ଉତ୍ସବ

ଫୁଲନଖରା,୨୫।୧(ସମିସ): ଫୁଲନଖରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାର୍ଥୀମାନଙ୍କର ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସାଗରିକା ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅବସରପ୍ରାପ୍ତ ନିର୍ବାହି ଯନ୍ତ୍ରୀ ସୁଶାନ୍ତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଏସ୍‌ୟୁଜେ କଟକ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଦ୍ୟାର୍ଥୀମାନେ ପିତାମାତା, ଗୁରୁଗୁରୁଜନଙ୍କୁ ସମ୍ମାନ ଦେବା ସହ କଠିନ ପରିଶ୍ରମ କଲେ ଜୀବନର ଲକ୍ଷ୍ୟପଥରେ ପହଞ୍ଚିପାରିବେ ବୋଲି ପ୍ରକାଶ କରିଥିଲେ। ସମାଜର ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରିବାକୁ ହେଲେ କେବଳ ଶିକ୍ଷା ନୁହେଁ ସଂସ୍କାରର ଆବଶ୍ୟକତା ରହିଛି ବୋଲି ବିଦ୍ୟାଳୟର ଉପଦେଷ୍ଟା କାନନ ବିହାରୀ ନାୟକ କହିଥିଲେ। ଚଳିତ ଶିକ୍ଷାବର୍ଷର ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପରିପ୍ରେକ୍ଷୀରେ ବିଦ୍ୟାର୍ଥୀମାନେ ଅନୁଭୂତିକୁ ପ୍ରକାଶ କରିଥିଲେ। ଆଚାର୍ଯ୍ୟା ସଂଗୀତା ଦାଶ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରକାଶ କରିଥିବା ବେଳେ ଆଚାର୍ଯ୍ୟା ସୁଦାମିନୀ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି,୨୫।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନଟକାଇଠାରେ ଥିବା ବଲ୍ଲଭୀ ଦେବୀ ମହିଳା ମହାବିଦ୍ୟାଳୟରେ ୧୪ଦିନ ଧରି ଚାଲିଥିବା ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି।



କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଦେବଯାନୀ ରାଉତଙ୍କ ସଂଯୋଜନାରେ ଏହି ଶିବିରରେ ୧୦୪ଜଣ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷିକା ଭାବେ ରୋଜାଲିନ୍ ମହାରଣା ଯୋଗଦେଇ ଆତ୍ମରକ୍ଷାର ବିଭିନ୍ନ କୌଶଳ ସଂକ୍ରାନ୍ତରେ ଶିକ୍ଷା ଦେଇଛନ୍ତି। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ନିରୂପମା ସ୍ୱାଇଁ, ଶୁଭଶ୍ରୀ ନାୟକ, ଉର୍ବଶ୍ରୀ ସାହୁ, ପ୍ରଭାତୀ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ସରସ୍ୱତୀ ପୂଜାରେ ବିଦ୍ୟାର୍ଥୀଙ୍କୁ କଲମ ବଣ୍ଟନ

ନିଶ୍ଚିନ୍ତକୋଇଲି,୨୫।୧(ସମିସ): ନିଶ୍ଚିନ୍ତକୋଇଲି ପିଏମଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପବିତ୍ର ସରସ୍ୱତୀ ପୂଜା ଅବସରରେ ସ୍କୁଲ ଆଲମୁନୀ ସଭ୍ୟ ତଥା ଯୁବ ସମାଜସେବୀ ପବିତପାବନ ରାଉତ ୫୦୦ରୁ ଊର୍ଦ୍ଧ୍ୱ କଲମ ବଣ୍ଟନ କରିଛନ୍ତି। ଏହାଛଡା ନିଶ୍ଚିନ୍ତକୋଇଲି ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାବା ଅନନ୍ତ ବିଦ୍ୟାନିକେତନର ଛାତ୍ରଛାତ୍ରୀ ଓ ନିଶ୍ଚିନ୍ତକୋଇଲି-୧ ଅଙ୍ଗନବାଡି କେନ୍ଦ୍ରର ଶିଶୁମାନଙ୍କୁ ମଧ୍ୟ ପାଠ୍ୟ ଉପକରଣ ପ୍ରଦାନ କରିଛନ୍ତି। ସରସ୍ୱତୀ ପୂଜାର ଏହି ବିଦ୍ୟାଳୟ ଗୁଡିକର ସମସ୍ତ



ଛାତ୍ରଛାତ୍ରୀମାନେ ବିଦ୍ୟାଦାୟିନି ବାଗଦେବୀ ସରସ୍ୱତୀଙ୍କ ନିକଟରେ ଉକ୍ତ ପାଠ୍ୟ ଉପକରଣକୁ ପୂଜାର୍ଚ୍ଚନା କରିଛନ୍ତି। ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ଏହି ବଣ୍ଟନ କାର୍ଯ୍ୟକ୍ରମରେ ରଞ୍ଜନ ଦାସ ଓ ସୁନନ୍ଦ ପଣ୍ଡା ଯୋଗଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

ସାଲେପୁର,୨୫।୧(ସମିସ): ସାଲେପୁର ଅଞ୍ଚଳର ଜଣେ ବରିଷ୍ଠ ଶିକ୍ଷକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ତାଙ୍କର ଅକାଳ ବିୟୋଗରେ ସାଲେପୁର ଶିକ୍ଷାମଣ୍ଡଳର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଖବରରୁ ପ୍ରକାଶ ଯେ, ସାଲେପୁର ବ୍ଲକ୍ ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତ କୁଶୁପୁର ଗ୍ରାମର ତଥା କୁଶୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଉମାଶଙ୍କର ପରିଡ଼ା (୫୭) ଆଜି ମଧ୍ୟାହ୍ନରେ କଟକରୁ ଭୁବନେଶ୍ୱର ଯିବା ରାସ୍ତାର ଭାଣପୁର ନିକଟରେ ନିଜ ବୁଲେଟ୍ ଯୋଗେ ଯାଉଥିବାବେଳେ ଏକ ହାଇୱା ତାଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଦକ୍ଷ ପ୍ରଧାନଶିକ୍ଷକ ଭାବେ ସାଲେପୁର ଶିକ୍ଷାମଣ୍ଡଳରେ ବେଶ୍ ସୁନାମ ଅର୍ଜନ କରିଥିବାବେଳେ ସେ ଜଣେ ଆଧ୍ୟାତ୍ମବାଦୀ ବ୍ୟକ୍ତି ଥିଲେ। ତାଙ୍କର ଅକାଳ ବିୟୋଗରେ ପୂର୍ବତନ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥି, ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରଜନୀକାନ୍ତ ଦାଶ, ଅନ୍ତର୍ଯ୍ୟାମୀ ଭୋଳ, ସନାତନ ପ୍ରଧାନ, ସେକ୍ ଅବୁ ତାହେର, ଶିକ୍ଷକ ନେତା ଜାକି ଅମିନ୍, ଭୁବନାନନ୍ଦ ଖୁଣ୍ଟିଆଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଓରତି ଧାନ ମଣ୍ଡି ଖୋଲିଲା

# କଟ୍‌ନୀଛଟ୍‌ନୀରେ ଧାନ କିଣା

ନିଶ୍ଚିନ୍ତକୋଇଲି,୨୫।୧(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଓରତି ସେବା ସମବାୟ ସମିତି ଅଧୀନରେ ଧାନ ମଣ୍ଡି ଖୋଲିଛି। ସମିତିର ସଂପାଦକ ପ୍ରଜ୍ଞାଶ୍ରୀ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମିତିର ସଭାପତି ସୁଦାମ ଚରଣ ବଳ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିବା ବେଳେ ଏଥିରେ ସମ୍ମାନୀତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଧାନକ୍ରୟ କମିଟିର କପିଳ ଚରଣ ଦାଶ, ସମୀରକେତନ ରାଉତ, ସୁରେନ୍ଦ୍ରନାଥ ଜେନା, ନଳିନୀକାନ୍ତ ଜେନା, ଅଭିରାମ ବିଶ୍ୱାଳ, ନୋଡାଲ ଅଫିସର ଶାରଦା ପ୍ରସାଦ ସାହୁ, କୃଷ୍ଣଚନ୍ଦ୍ର କାମଲ, ସୁରେଶ ମଳିକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ଏହି ମଣ୍ଡିରେ



ଏହି ମଣ୍ଡିରେ ୭ ଜଣ ଚାଷୀଙ୍କଠାରୁ ୨୪୨ କୁଇଣ୍ଟାଲ ଧାନ କ୍ରୟ କରାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ହେଲେ ଆରଏମ୍‌ସି. ପକ୍ଷରୁ ଧାନର ମାନ ବିଶ୍ଳେଷକ ଭାବେ ଜୟଦେବ ବିଶ୍ୱାଳ ଓ ସେକ୍ ମହମ୍ମଦ ଇଦ୍ରିଶ ତାଙ୍କ ବିଶେଷଜ୍ଞ ଅପରୂପା ଜେନାଙ୍କ ଦ୍ୱାରା ଚାଷୀମାନଙ୍କର ଧାନ ପରୀକ୍ଷା କରିବାରୁ ଜଣେ ହେଲେ ଚାଷୀଙ୍କର ଧାନ ଏଫ୍‌ଏକ୍ୟୁ ମାନର ଧାନ ହୋଇ ନ ଥିବା ଜଣାପଡିଥିଲା। ଫଳରେ ମିଲର ମୂରଲୀଧର ପକ୍ଷରୁ କୁଇଣ୍ଟାଲ ପିଛା ୩ କିଗ୍ରା ଧାନ କଟ୍‌ନୀ ଛଟ୍‌ନୀ କରି ଚାଷୀମାନଙ୍କ ଠାରୁ ଧାନ କ୍ରୟ କରିଥିବା ଜଣାଯାଇଛି।

# ମନ୍ଦିରରୁ ଚୋରି; ୩ ଗିରଫ

କଣ୍ଟାପଡା,୨୫।୧(ସମିସ): ଓଲଟପୁର ଥାନା ଅନ୍ତର୍ଗତ ପିଙ୍ଗାପଡା ରାଧାକୃଷ୍ଣ ମନ୍ଦିରରୁ ବହୁ ସାମଗ୍ରୀ ଚୋରି ଅଭିଯୋଗରେ ଓଲଟପୁର ପୁଲିସ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପୁଲିସ ସୂଚନା ମୁତାବକ ଶନିବାର ବିଳମ୍ବିତ ରାତ୍ରିରେ ମନ୍ଦିର ଭିତରୁ ଖଟୁଲି, ରାଧାକୃଷ୍ଣ ମୂର୍ତ୍ତି, ଥାଳି, ମଟର ଆଦି ଚୋରି ହୋଇଥିବା ନେଇ ଓଲଟପୁର ଥାନରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାରକରି ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯିବା ସହ ତଦନ୍ତ କରାଯାଇ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିକା ଓରଫ ବିକାଶ ଭୋଇ(୨୫), ଗନୁଆ ଓରଫ ଶଶିକାନ୍ତ ଭୋଇ (୨୫) ଓ ଟୁନିଆ ଓରଫ ସଞ୍ଜୟ ଭୋଇ (୨୬)। ସମସ୍ତେ ପିଙ୍ଗାପଡା ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ନାମରେ ବିଭିନ୍ନ ଅପରାଧିକ ମାମଲା ରହିଥିବା ନେଇ ଆଇଆଇସି କାଦମ୍ବିନୀ ପରିଡା କହିଛନ୍ତି। ଅଭିଯୋଗ ଆଧାରରେ ସେମାନଙ୍କୁ ଗିରଫ କରି ଚୋରି ସାମଗ୍ରୀ ଜବତ କରାଯାଇଛି ଏବଂ ପରେ ଅଦାଲତ ଚାଲାଣ କରାଯାଇଥିବା ନେଇ ସୂଚନା ମିଳିଛି।

# ମହିଳାଙ୍କୁ ଅସଦାଚରଣ; ଯୁବକ ଗିରଫ

ଫୁଲନଖରା,୨୫।୧(ସମିସ): ନିଆଳିରୁ କଟକ ଅଭିମୁଖେ ଆସୁଥିବା ଏକ ଘରୋଇ ବସ୍‌ରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ ହୋଇଥିବା ସୂଚନା ମିଳିଛି। ଉକ୍ତ ଯୁବକ ଜଣକ ହେଲେ ନିଆଳି ଥାନା ଅନ୍ତର୍ଗତ ଜଲାରପୁର ଗ୍ରାମର କୁଞ୍ଜବିହାରୀ ପାଠକଙ୍କ ପୁତ୍ର ପ୍ରଶାନ୍ତ କୁମାର ପାଠକ (୪୫)। ଘଟଣାରୁ ପ୍ରକାଶ ଶନିବାର ଦିନ ଜଣେ ମହିଳା ନିଆଳିରୁ ବସ୍‌ରେ ଉଠି ଡାକ୍ତରୀ ପରାମର୍ଶ ପାଇଁ ଏସ୍‌ସିବି ମେଡିକାଲ୍‌କୁ ଆସୁଥିଲେ। ଉକ୍ତ ବସ୍‌ରେ ମହିଳାଙ୍କ ନିକଟରେ ଜଣେ ଯୁବକ ଉଦ୍ଦେଶ୍ୟମୂଳକ ଭାବରେ ବସି ମହିଳାଙ୍କ ସହିତ ଅଶାଳୀନ ବ୍ୟବହାର କରିଥିଲେ। ମହିଳା ଜଣକ ଯୁବକଙ୍କ ଅସଦାଚରଣ ବ୍ୟବହାରରେ ଅତିଷ୍ଠ ହୋଇ ଫୁଲନଖରା ଛକ ନିକଟରେ ଓହ୍ଲାଇ ଟ୍ରାଫିକ୍ ଥାନରେ ଅଭିଯୋଗ କରିଥିଲେ। ମହିଳା ଜଣକ ବସ୍‌ରେ ଥିବା ଅନ୍ୟଯାତ୍ରୀମାନଙ୍କ ସହାୟତାରେ ଉକ୍ତ ଯୁବକଙ୍କୁ ଧରି ସଦର ଥାନା ଜିମା ଦେଇଥିଲେ। ସଦର ଥାନା ପୁଲିସ ଉକ୍ତ ଯୁବକକୁ ଅଟକ ରଖି ତଦନ୍ତ କରିବା ସହ ଯୌନ ନିର୍ଯାତନା ଅଭିଯୋଗରେ ବିଏନ୍‌ଏସ୍ ୭୫(୨) ଆକ୍ଟ ଅନୁଯାୟୀ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ସୂଚନା ପ୍ରଦାନ କରିଛନ୍ତି।

# ଶୋକାକୁଳ ପରିବେଶରେ ଦୁଇ ଯୁବକଙ୍କ ଶବ ସଂସ୍କାର

ଭଦ୍ରେଶ୍ୱର,୨୫।୧(ସମିସ): ଗତକାଲି ବାଇକ୍ ଦୁର୍ଘଟଣାରେ ଅକାଳରେ ମୃତ୍ୟୁବରଣ କରିଥିବା ୨ ଯୁବକଙ୍କ ଶବକୁ ଶୋକାକୁଳ ପରିବେଶରେ ଦାହ କରାଯାଇଛି। ଶନିବାର ଦିନ ରାତ୍ରରେ ଛତିଆ ସାଲେପୁର ପୂର୍ତ୍ତ ବିଭାଗ ରାସ୍ତାର ବନଗୁରିଆସ୍ଥିତ ଶଶିପ୍ରଭା ନର୍ସିଂ ସ୍କୁଲ ନିକଟରେ ଏକ ଦୁର୍ଘଟଣା ଘଟିଥିଲା। ରାସ୍ତା କଡରେ ଥିବା ଏକ ପାଣି ଟାଙ୍କିରେ ବାଇକ ଧକ୍କା ହେବାରୁ ଶ୍ରୀକୃଷ୍ଣପୁର ଗ୍ରାମର କମଳାକାନ୍ତ ବେହେରାଙ୍କ ପୁଅ ନରେଶ ବେହେରା(୨୬) ଓ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁଅ ରଶ୍ମିରଞ୍ଜନ ବେହେରା (୨୮) ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ କୁଆଁପାଳ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମାହାଙ୍ଗା ଥାନାରେ ଅଭିଯୋଗ କରାଯାଇଥିଲା। ମାହାଙ୍ଗା ଥାନା ପୁଲିସ ଅଭିଯୋଗକୁ ଭିତ୍ତି କରି ଶବ ୨ଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇ ଶୋକାକୁଳ ପରିବେଶରେ ଦାହ କରାଯାଇଥିଲା।

# ଦାଣ୍ଡରେ ପଡ଼ି ହାଟରେ ଗଡୁଛି ବିଜେପିର ଗୋଷ୍ଠୀ କନ୍ଦଳ

## ଗ୍ରାମୀଣ ବିଜେପି ସଭାପତି ଓ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କୁ ବିରୋଧ



ଟିଗିରିଆ,୨୫।୧(ସମିସ): ଆଠଗଡ ନିର୍ବାଚନ ମଣ୍ଡଳୀ ନେତା ତଥା ବରିଷ୍ଠ ବିଜେପି ନେତା ଅଭୟ କୁମାର ବାରିକଙ୍କ ଅଗୋଚରରେ ଟିଗିରିଆ ବ୍ଲକ ଅଧୀନ ସୋମପଡା ଠାରେ ଚାଲିଥିବା ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅତିଥି ରୂପେ ଯୋଗଦେବାକୁ ଯାଉଥିବା ବେଳେ ବିଜେପି କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ଓ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ପାଢୀଙ୍କୁ ଟିଗିରିଆ ଥାନା ଅଧୀନ ପାଞ୍ଚଗାଁ ଛକ ଠାରେ ବିଜେପି ଦଳର କିଛି ଯୁବକଙ୍କ ବିରୋଧର ଶିକାର ହେବାକୁ ପଡିଛି। ଶାସନ ଗାଦିରେ ବଡବଡ ପଦ ପଦବୀରେ ଥିବା ଦୁଇ ବିଜେପି ନେତାଙ୍କୁ ବିରୋଧ ସହିତ ଖୁଲମଖୁଲ୍ଲା ବିଚ ବଜାର ଉପରେ ବିରୋଧ କରିବା ତଥା କଟୁ ମନ୍ତବ୍ୟ ପ୍ରଦାନ କରିବା ଘଟଣାକୁ ନେଇ ଆଜି ଟିଗିରିଆ ଅଞ୍ଚଳର ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି। ସୂଚନା ମୁତାବକ ରବିବାର ଟିଗିରିଆ ବ୍ଲକ ଅଧୀନ ସୋମପଡା ଚବକା ପଡିଆରେ ଚାଲିଥିବା ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅତିଥି ରୂପେ ଯୋଗଦେବାକୁ ଯାଉଥିବା ବେଳେ ବାଟରେ ପାଞ୍ଚଗାଁ ହନୁମାନ ମନ୍ଦିର ନିକଟରେ କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ଓ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ପାଢୀଙ୍କୁ ପାଞ୍ଚଗାଁ ହନୁମାନ ମନ୍ଦିର ନିକଟରେ ସ୍ଥାନୀୟ ବିଜେପି ଯୁବକର୍ମୀମାନେ ବିରୋଧ କରିଛନ୍ତି। ନିର୍ବାଚନ ମଣ୍ଡଳୀ ନେତା ତଥା ବରିଷ୍ଠ ବିଜେପି ନେତା ଅଭୟ କୁମାର ବାରିକଙ୍କ ଅଗୋଚରରେ ଜିଲ୍ଲା ଗ୍ରାମୀଣ ସଭାପତି ବାହାର ନିର୍ବାଚନ ମଣ୍ଡଳୀ ନେତୃମଣ୍ଡଳୀଙ୍କୁ ଡାକି କାର୍ଯ୍ୟକ୍ରମ କରୁଥିବା ବେଳେ ଅଭୟଙ୍କୁ ନିଜ ସାଥିରେ ନ ନେବା କାରଣରୁ ବିଜେପି ଯୁବ କର୍ମୀମାନେ ଉତକ୍ଷିପ୍ତ ହୋଇ ଏପରି କାଣ୍ଡ କରିଥିବାର ଜଣାପଡିଛି। ଖବର ପାଇ ଟିଗିରିଆ ଥାନା ଭାରପ୍ରାପ୍ତ ଅଧିକାରୀ ଇପ୍‌ସିତା ପ୍ରିୟଦର୍ଶିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରେ ଦୁଇ ବିଜେପି ନେତା କ୍ରିକେଟ ଫାଇନାଲ ଖେଳକୁ ଯାଇଥିଲେ। ସଂପୃକ୍ତ ଘଟଣାକୁ ନେଇ ଜିଲ୍ଲା ଗ୍ରାମୀଣ ସଭାପତିଙ୍କ ମତାମତ ମିଳିପାରି ନ ଥିବା ବେଳେ ସଂପୃକ୍ତ ଘଟଣା ବିଜେପି ଦଳରେ ଥିବା ଗୋଷ୍ଠି କନ୍ଦଳକୁ ଦାଣ୍ଡରେ ପକାଇ ହାଟରେ ଗଡାଉଛି ବୋଲି ଆଲୋଚନା ହେଉଛି।

### ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ମେଣ୍ଢାଶାଳକୁ ହରାଇ ଢେଙ୍କାନାଳ କିଆଁଝର ଚାମ୍ପିଅନ



ଟିଗିରିଆ,୨୫।୧(ସମିସ): ଟିଗିରିଆ ବ୍ଲକ ସୋମପଡା ଚବକା ଖେଳ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ରବିବାର ଆୟୋଜିତ ଫାଇନାଲ ମ୍ୟାଚରେ ଖୋର୍ଦ୍ଧାର ମେଣ୍ଢାଶାଳ କ୍ରିକେଟ କ୍ଲବକୁ ୪୪ରନରେ ହରାଇ ଢେଙ୍କାନାଳର କିଆଁଝର କ୍ରିକେଟ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଢେଙ୍କାନାଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଟି ୱିକେଟ ହରାଇ ୨୯୭ ରନ ସଂଗ୍ରହ କରିଥିଲେ। ପ୍ରତି ଜବାବରେ ମେଣ୍ଢାଶାଳ ଦଳ ୧୮.୨ ଓଭରରେ ସମସ୍ତ ୱିକେଟ ହରାଇ ୨୫୩ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ବିଜେପି ଦଳର ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ବିଶିଷ୍ଟ ଅତିଥିଭାବେ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ହରେକୃଷ୍ଣ ମହାନ୍ତି, ସୂର୍ଯ୍ୟମଣି ଜେନା, ଆଇନଜୀବୀ ବିକ୍ରମ କେଶରୀ ଦାଶ, ସରୋଜ ସାହୁ, ଟିଗିରିଆ ମଣ୍ଡଳ ସଭାପତି ମାନସ ନାୟକ, ନୂଆପାଟଣା ମଣ୍ଡଳ ସଭାପତି ଦିପୁନା ସେନାପତି ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଅଭିଷେକ ପଟ୍ଟନାୟକଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ, ଲିଟୁଙ୍କୁ ବେଷ୍ଟ ବୋଲର, ରଜତ ଦାଶଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ, ସୂର୍ଯ୍ୟକାନ୍ତ ମଲ୍ଲିକଙ୍କୁ ମ୍ୟାନ ଅଫ ଦି ଫାଇନାଲ ପୁରସ୍କାର ପ୍ରଦାନ କରିଥିଲେ। ପୁରାତନ ଖେଳାଳି ଜିତେନ୍ଦ୍ର ରାଉଳଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ, ଶୁଭେନ୍ଦୁ ରାଉତରାୟଙ୍କୁ ସବୁଜ ମିତ୍ର ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ସଲିପ ସାମନ୍ତରାୟ ଓ ଶିଶିର କାନ୍ତ ରାଉତରାୟ ପରିଚାଳନା କରିଥିଲେ। ଦେବାଶିଷ ମହାନ୍ତି ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ସିନ୍ଧୁପୁରରେ ସଶସ୍ତ୍ର ଡକାୟତି; ୨ ଆହତ

ଭଦ୍ରେଶ୍ୱର,୨୫।୧(ସମିସ): ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଏକ ସଶସ୍ତ୍ର ଡକାୟତି ହୋଇଯାଇଛି। ଡକାୟତଙ୍କ ଆକ୍ରମଣରେ ଗୋଟିଏ ପରିବାରର ୨ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଭଦ୍ରେଶ୍ୱର ଥାନା ପୋଡାମରାଇ ଗ୍ରାମପଞ୍ଚାୟତ ସିନ୍ଧୁପୁର ଗ୍ରାମର ଭୀମସେନ ଖଟୁଆଙ୍କ ଘରେ ଶନିବାର ରାତ୍ରର ବିଳମ୍ବିତ ପ୍ରହରରେ ଘରର କବାଟ ଭାଙ୍ଗି କେତେକ ଡକାୟତ ଘରେ ପ୍ରବେଶ କରିଥିଲେ। ଏହି ସମୟରେ ଭୀମସେନ ଓ ତାଙ୍କ ପତ୍ନୀ କାଞ୍ଚନବାଳା ଦୁହେଁ ଡକାୟତଙ୍କୁ ପ୍ରତିରୋଧ କରିଥିଲେ। ଏଥିରେ ପ୍ରତିହିଂସା ପରାୟଣ ହୋଇ ଡକାୟତମାନେ ଆଣିଥିବା ମାରଣାସ୍ତ୍ରରେ ଭୀମସେନ ଓ ତାଙ୍କ ପତ୍ନୀ କାଞ୍ଚନବାଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଡକାୟତମାନେ ଘରେ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଗହଣା ଲୁଟିନେଇଥିଲେ। ଏନେଇ ପରିବାର ପକ୍ଷରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତି କରି ଭଦ୍ରେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ବିଲ ମଝିରୁ ଏକ ଟ୍ରଙ୍କ ଜବତ କରିଥିଲା ବେଳେ ରିପୋର୍ଟ ଲେଖା ହେଲା ବେଳକୁ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ।



# ଭିନ୍ନ ଭିନ୍ନ ଦୁର୍ଘଟଣାରେ ୨ ମୃତ

ଫୁଲନଖରା,୨୫।୧(ସମିସ): ପ୍ରତାପନଗରୀ ସ୍ଥିତ ଓଭରବ୍ରିଜ୍ ଉପରେ ଏକ ଅଜଣା ଗାଡି ଧକ୍କାରେ ବୁଲେଟ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ନିକଟସ୍ଥ ଭୋରା ଗ୍ରାମର ସ୍ୱର୍ଗତ ଧିରେନ୍ଦ୍ର ନାଥ ପରିଡାଙ୍କ ପୁତ୍ର ଉମାଶଙ୍କର ପରିଡା। ଉମାଶଙ୍କର ସାଲେପୁରସ୍ଥିତ ନିଜ ଗ୍ରାମରୁ ଭୁବନେଶ୍ୱର ଆସୁଥିବା ସମୟରେ ପ୍ରତାପନଗରୀସ୍ଥିତ ଓଭରବିଜ୍ର ଉପରକୁ ଉଠିବା ବେଳେ ଏକ ଗାଡି ତାଙ୍କୁ ସାଇଡ୍ ମାରିଥିଲା। ଫଳରେ ସେ ଭାରସାମ୍ୟ ହରାଇ ଉକ୍ତ ଗାଡିର ପଛଚକା ତଳେ ପଡି ଯାଇଥିଲେ ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହିତ ମୃତକକୁ କଟକ ବଡ ମେଡିକାଲ୍‌କୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ସୂଚନା ମିଳିଛି। ସେହିଭଳି ରବିବାର ସଂଧ୍ୟା ସମୟରେ ସଦର ଥାନା ଅଞ୍ଚଳର ବ୍ରାହ୍ମଣଝରିଲୋ ଠାରେ ଏକ ଟ୍ରକ୍ ଧକ୍କାରେ ଜଣକର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକ ଜଣକ ହେଲେ ଜଗତସିଂହପୁର ନାଉଗାଁ ଅଞ୍ଚଳର ଅଶୋକ ଦାସ। ରେଭେନ୍ସା କଲେଜ୍‌ର ଛାତ୍ରୀ ନିବାସରେ କାର୍ଯ୍ୟରତ ଅଶୋକ ଓ ତାଙ୍କର ଜଣେ ସହଯୋଗୀ ଧାନମଣ୍ଡଳରେ ଜଣେ ଅଫିସ ଷ୍ଟାଫଙ୍କ ପୁଅ ବାହାଘର ଭୋଜି ଖାଇ ସ୍କୁଟି ଯୋଗେ ଫେରୁଥିବା ବେଳେ ବ୍ରାହ୍ମଣଝରିଲୋ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ସ୍କୁଟି ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ପଛରେ ବସିଥିବା ଅଶୋକ ଟ୍ରକ୍ ଆଗକୁ ଛିଟିକି ପଡିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ସଦର ଥାନା ଆଇଆଇସି ପହଞ୍ଚିବା ସହ ମୃତକକୁ ବଡ ମେଡିକାଲ୍‌କୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାସ୍ଥଳରୁ ସ୍କୁଟି ଓ ଟ୍ରକ୍ ଜବତ କରି ତଦନ୍ତ ଜାରି ରଖିଛନ୍ତି।

# ଦ୍ୱିତୀୟ ଭଞ୍ଜଙ୍କ ଜନ୍ମୋତ୍ସବରେ ସାରସ୍ୱତ ସମାରୋହ



ମାହାଙ୍ଗା,୨୫।୧(ସମିସ): ମାହାଙ୍ଗା ବ୍ଲକ ଗୋପାଳପୁର ଠାରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଦ୍ୱିତୀୟ ଭଞ୍ଜ ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ୧୩୦ତମ ଜନ୍ମ ଉତ୍ସବ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସ୍ତମ୍ଭକାର ଅନନ୍ତ ଗୋପାଳ ପଣ୍ଡା ଯୋଗଦେଇଥିଲେ। ସଂସଦର ସଭାପତି ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ପୌରହିତରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପୂର୍ବତନ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ.ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ପିପିଲି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରତିଭା ମହାରଥୀ, ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଇଂ. ରଶ୍ମିରଂଜନ ରାୟ, ଚାର୍ଟାଡ ଆକାଉଣ୍ଟାଟ୍ ନିରଞ୍ଜନ ପଣ୍ଡା ଯୋଗଦେଇ ଦ୍ୱିତୀୟ ଭଞ୍ଜଙ୍କ କାବ୍ୟକୃତି ସଂପର୍କରେ ଆଲୋକପାତ କରିବା ସହ ସାହିତ୍ୟ ବିନା ସମାଜ ତିଷ୍ଠି ପାରିବ ନାହିଁ, ସାହିତ୍ୟ ସବୁବେଳେ ସତ୍ୟକୁ ନେଇ ରଚନା କରାଯାଏ ବୋଲି ମତ ଦେଇଥିଲେ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ ଦ୍ୱିତୀୟଭଞ୍ଜ ସାହିତ୍ୟ କୃତି ସଂପର୍କରେ ଆଲୋକପାତ କରିଥିଲା ବେଳେ ସଂସଦର କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପ୍ରଧାନ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ଏବଂ ସଂସଦର ସଂପାଦକ ଗୌତମ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ସଂସଦର ମୁଖପାତ୍ର 'ଅନର୍ଘ ଅର୍ଘ୍ୟ' ଏବଂ କବି ପୁରୁଷୋତ୍ତମ ପୃଷ୍ଟିଙ୍କ ରଚିତ କାବ୍ୟ ପୁସ୍ତକ 'ରାମ ହନୁମାନ ଯୁଦ୍ଧ'କୁ ଲୋକାର୍ପଣ କରିଥିଲେ। ସଂସଦର ବିଂଶତମ ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ସମାଜସେବୀ ଯୋଗେଶ ଚନ୍ଦ୍ର କୁଅଁର, ଡାକ୍ତର ଚୌ. ନିହାର ରଞ୍ଜନ ପ୍ରହରାଜ, ପ୍ରାକ୍ତନ ପ୍ରଧାନଶିକ୍ଷକ ଭାଗବତ ପ୍ରଧାନ, ଶିଶୁ ସାହିତ୍ୟିକ ନଗେନ୍ଦ୍ରନାଥ ପଟ୍ଟନାୟକ, ଆଦର୍ଶ ଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀଙ୍କ ସମେତ ୩୨ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କୁନି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ଓ କବିତା ପାଠୋତ୍ସବ ସଂସଦର ଉପସଭାପତି ଡଃ ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥିଭାବେ ଡଃ ପ୍ରସନ୍ନ କୁମାର ନାଥଶର୍ମା, ସମୀକ୍ଷକ ଭାବେ ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ସମ୍ମାନୀତ ବକ୍ତାଭାବେ ପ୍ରବାଚକ ଶରତ ଚନ୍ଦ୍ର ରଥ, ସମ୍ମାନୀତ ଅତିଥିଭାବେ ଶାରଦାପ୍ରସାଦ ମିଶ୍ର ଯୋଗଦେଇଥିଲା ବେଳେ ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ସ୍ତମ୍ଭକାର ବିବେକାନନ୍ଦ ଦାସ, କବୟିତ୍ରୀ ଗୀତାଞ୍ଜଳୀ କରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜକିଶୋର ମିଶ୍ର, କଲ୍ଲୋଳ ଚନ୍ଦ୍ର ମହାନ୍ତି, ଇଂ. ସରୋଜ ସାମଲ, ମାନସ ପ୍ରଧାନ, ଇଂ ଚିନ୍ମୟ ଜେନା, ଦେବଜାନୀ ଜେନା, ମାନସ ମହାନ୍ତି, ବିଚିତ୍ରାନନ୍ଦ ବିଶ୍ୱାଳ ସହଯୋଗ କରିଥିଲା ବେଳେ ଦିବାକର ପାଣ୍ଡେଙ୍କ ସଂଯୋଜନାରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ଶେଷରେ ଦିଲ୍ଲୀପ ଗ୍ରହାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ମାହାଙ୍ଗା ଓ ଆଖପାଖ ଅଞ୍ଚଳର ବହୁ କବି, ସାହିତ୍ୟିକ ଓ ଲେଖକମାନେ ଯୋଗଦେଇଥିଲେ।






